ସି.ସି.ଟି. ଓଡ଼ିଶା ଏବଂ ଅନ୍ୟମାନେ

ବନାମ

ଇଣ୍ଡିଆନ୍ ଏକ୍ସପ୍ଲୋସିଭ୍ ଲିମିଟେଡ୍

(ଦେୱାନୀ ଆବେଦନ ସଂଖ୍ୟା 5123/2005)

ଫେବୃଆରୀ 28, 2008

**(ଡ. ଅରିଜିତ୍ ପଶାୟତ, ସି.କେ. ଠାକ୍କେର ଏବଂ ଲୋକେଶ୍ୱର ସିଂ ପନ୍ତ, ନ୍ୟାୟମୂର୍ତ୍ତି ବୃନ୍ଦ)**

*ଓଡ଼ିଶା ବିକ୍ରୟ ଟିକସ ଅଧିନିୟମ, 1947; ଧାରା 5 (1) ଏବଂ ଧାରା 11, 23 (4) (a) ର ପଞ୍ଚମ ପ୍ରାବଧାନ/ଓଡ଼ିଶା ବିକ୍ରୟ ଟିକସ ନିୟମାବଳୀ, 1947 ; ଅଧିନିୟମ 1947 ର ଧାରା 5 (1) ଅଧୀନରେ ଜାରି କରାଯାଇଥିବା ଅଧିସୂଚନାର ନିୟମ 80 ଏବଂ ପ୍ରବେଶିକା 48 :*

*ବିକ୍ରୟ ଟିକସ - ଏକ ଅଧିସୂଚନାର ପ୍ରବେଶିକା 48 ଅନୁଯାୟୀ ଏଭଳି ସାମଗ୍ରୀର ମୂଲ୍ୟ ଉପରେ ବିକ୍ରୟ ଟିକସ 4% ଦେଉଥିବା ଅନ୍ୟ ସାମଗ୍ରୀର ଉତ୍ପାଦନ ପାଇଁ କିଣାଯାଇଥିବା କେତେକ ସାମଗ୍ରୀର ଫେରସ୍ତ ଘୋଷଣା କରୁଥିବା କରଦାତା - ମୂଲ୍ୟାଙ୍କନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗୃହୀତ - ପୁନଃ ନିର୍ଦ୍ଧାରଣ - କାରଣ ଦର୍ଶାଅ ନୋଟିସ ଜାରି କରିବା – ଅପତ୍ତିକୁ - ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅନୁମତି ପ୍ରାପ୍ତ - ଏହାର ସଠିକତା - ନିର୍ଣ୍ଣୟ କରାଗଲା : ଭୁଲ - ଆଇ.ସି.ଆଇ. ଇଣ୍ଡିଆ ଲିମିଟେଡ୍ ବନାମ ଓଡ଼ିଶା ରାଜ୍ୟ ମାମଲାରେ ନିର୍ଦ୍ଧାରିତ ବିକଳ୍ପ ପ୍ରତିକାର ପରିସମାପ୍ତି ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦର୍ଶାଯାଇଥିବା ମାନଦଣ୍ଡକୁ ଧ୍ୟାନରେ ରଖିବାରେ ଉଚ୍ଚ ନ୍ୟାୟାଳୟ ବିଫଳ ହୋଇଥିଲେ - ତେଣୁ, ଉଚ୍ଚ ନ୍ୟାୟାଳୟଙ୍କ ରାୟ ଅସମର୍ଥନୀୟ - ତେଣୁ, ବାତିଲ କରାଗଲା - କାରଣ ଦର୍ଶାଅ ନୋଟିସର ଉତ୍ତର ଦାଖଲ କରିବାକୁ କରଦାତାଙ୍କୁ ନିର୍ଦ୍ଦେଶ ଦିଆଗଲା ଏବଂ କର୍ତ୍ତୃପକ୍ଷ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ସମାଧାନ କରିବେ - ନ୍ୟାୟିକ ଶୃଙ୍ଖଳା - ପାଳନ କରିବା ।*

**ଓଡ଼ିଶା ବିକ୍ରୟ ଟିକସ ଅଧିନିୟମ ଅନୁଯାୟୀ ଜଣେ ପଞ୍ଜୀକୃତ ବ୍ୟବସାୟୀ, ଉତ୍ତରଦାତା-କରଦାତା, ଅଧିନିୟମର ଧାରା 11 ଅନୁଯାୟୀ ଏକ ଏକୀକୃତ ରିଟର୍ଣ୍ଣ ଦାଖଲ କରି ଦାବି କରିଛନ୍ତି ଯେ ପଞ୍ଜୀକରଣ ପ୍ରମାଣପତ୍ରରେ ଉଲ୍ଲେଖ କରାଯାଇଛି ଯେ ଏହା ଦ୍ୱାରା କିଣାଯାଇଥିବା ସାମଗ୍ରୀ ବିକ୍ରୟ ପାଇଁ ସାମଗ୍ରୀ ଉତ୍ପାଦନରେ ବ୍ୟବହୃତ ହେଉଛି । ଏପରି ଦ୍ରବ୍ୟର ବିକ୍ରେତା ଏବଂ ଅଧିନୀୟମର ଧାରା 5(1) ଅନୁଯାୟୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଅଧିସୂଚନାର ପ୍ରବେଶିକା 48 ଅନୁସାରେ ଏପରି ଦ୍ରବ୍ୟର ମୂଲ୍ୟ ଉପରେ 4% ବିକ୍ରୟ ଟିକସ ପ୍ରଦାନ କରୁଥିବା କରଦାତା ଫର୍ମ-IV ରେ ସେହି ପ୍ରଭାବକୁ ଘୋଷଣା ପ୍ରଦାନ କରିଛନ୍ତି । କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ଦାବିକୁ ଗ୍ରହଣ କରାଯାଇଥିଲା । ପରେ, କର୍ତ୍ତୃପକ୍ଷମାନେ କରଦାତାଙ୍କ ଦେୟର ପୁନଃ ଆକଳନ କରିଥିଲେ ଏବଂ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ, ଯାହାକୁ କରଦାତାଙ୍କ**

ଦ୍ୱାରା ଏକ ରିଟ୍ ଆବେଦନ ଦାଖଲ କରି ଆପତ୍ତି କରାଯାଇଥିଲା । କାରଣ ଦର୍ଶାଅ ନୋଟିସକୁ ରଦ୍ଦ କରି ଉଚ୍ଚ ନ୍ୟାୟାଳୟ ଆବେଦନକୁ ମଞ୍ଜୁର କରିଥିଲେ । ତେଣୁ ବର୍ତ୍ତମାନର ଆବେଦନଟି ।

ଆବେଦନକାରୀ ଯୁକ୍ତି କରିଥିଲେ ଯେ ଉଚ୍ଚ ନ୍ୟାୟାଳୟ ରିଟ୍ ଆବେଦନକୁ ଗ୍ରହଣ କରିବା ଉଚିତ୍ ନୁହେଁ, ବିଶେଷ କରି ଯେତେବେଳେ ଏହା ମୂଲ୍ୟାଙ୍କନ ବର୍ଷ 1997-98 ଏବଂ 1998-99 ପାଇଁ କରଦାତାଙ୍କ ଆଭିମୁଖ୍ୟକୁ ପ୍ରତ୍ୟାଖ୍ୟାନ କରିଥିଲେ । କିନ୍ତୁ ବର୍ତ୍ତମାନ ମାମଲାରେ ଉଚ୍ଚ ନ୍ୟାୟାଳୟ ଉକ୍ତ ନିଷ୍ପତ୍ତିକୁ ମଧ୍ୟ ଦର୍ଶାଇନଥିଲେ ।

ଆବେଦନକୁ ଆଂଶିକ ଭାବେ ଅନୁମତି ପ୍ରଦାନ କରି ନ୍ୟାୟାଳୟ ନିର୍ଣ୍ଣୟ କଲେ :

1.1 ବିକଳ୍ପ ପ୍ରତିକାରର ଶେଷକରିବା ସମ୍ବନ୍ଧୀୟ ବହୁ ସଂଖ୍ୟକ ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ଦର୍ଶାଯାଇଥିବା ପରିମାପକ ଉପରେ ଉଚ୍ଚ ନ୍ୟାୟାଳୟ ସମ୍ପୂର୍ଣ୍ଣ ଦୃଷ୍ଟି ହରାଇଥିବା ପରି ମନେହୁଏ । ଏହାବ୍ୟତୀତ ଉଚ୍ଚ ନ୍ୟାୟାଳୟ ଆଇ.ସି.ଆଇ. ଇଣ୍ଡିଆ ଲିମିଟେଡର ନିର୍ଦ୍ଧାରିତ ମାମଲାରେ ମୂଲ୍ୟାଙ୍କନ ବର୍ଷ 1997-98 ଏବଂ ମୂଲ୍ୟାଙ୍କନ ବର୍ଷ 1998-99 ପାଇଁ ଅନ୍ୟ ଏକ ଦୁଇ ଜଣିଆ ଖଣ୍ଡପୀଠର ରାୟକୁ ମଧ୍ୟ ଉଲ୍ଲେଖ କରିନଥିଲେ । ଯେକୌଣସି ପରିସ୍ଥିତିରେ, ଉକ୍ତ ମାମଲାରେ ଉଚ୍ଚ ନ୍ୟାୟାଳୟ ନିଷ୍ପତ୍ତିର ଅନୁପାତକୁ ଉଲ୍ଲେଖ କରିବା ଉଚିତ ଥିଲା । ସେହି ନ୍ୟାୟିକ ଶୃଙ୍ଖଳା ପାଳନ କରାଯାଇନାହିଁ । ଯେକୌଣସି ଦୃଷ୍ଟିକୋଣରୁ ଦେଖିଲେ, ଉଚ୍ଚ ନ୍ୟାୟାଳୟର ରାୟ ଅସମର୍ଥନୀୟ ଏବଂ ଏହାକୁ ବାତିଲ କରିଦିଆଗଲା ।

** ଆଇ.ସି.ଆଇ. ଇଣ୍ଡିଆ ଲିମିଟେଡ ବନାମଓଡ଼ିଶା ରାଜ୍ୟ* (2007)) 10 ଏସ୍.ସି.ଆର୍. 433 - ଉପରେ ନିର୍ଭର କରାଯାଇଥିଲା ।

1.2 ଉତ୍ତରଦାତା-କରଦାତା ତା 14.1.2004 ରିଖର କାରଣ ଦର୍ଶାଅ ନୋଟିସରେ ଏହାର ପ୍ରତିକ୍ରିୟା ଦାଖଲ କରିବେ, ଯଦି କିଛି ଥାଏ । ଆୟୁକ୍ତ, ଦାଖଲ ହୋଇଥିବା କାରଣ ଦର୍ଶାଅ ନୋଟିସର ଉତ୍ତର ଉପରେ ବିଚାର କରିବେ, ଯଦି କିଛି ଥାଏ, ଏବଂ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ସମାଧାନ କରିବେ ।

ଦେୱାନୀ ଅପିଲୀୟ ଅଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 5123/2005 ।

W.P. (C) ସଂଖ୍ୟା 1931/2004 ରେ କଟକସ୍ଥିତ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ତା 7.1.2005 ରିଖର ଅନ୍ତିମ ଆଦେଶ/ରାୟରୁ

ଅପିଲକାରୀଙ୍କ ପାଇଁ କୀର୍ତ୍ତି ରେଣୁ ମିଶ୍ର ।

ଉତ୍ତରଦାତାଙ୍କ ପାଇଁ ଜି. ରାମକୃଷ୍ଣ ପ୍ରସାଦ ।

**ନ୍ୟାୟମୂର୍ତ୍ତି ଡ. ଅରିଜିତ୍ ପଶାୟତଙ୍କ** ଦ୍ୱାରା ନ୍ୟାୟାଳୟର ରାୟ ପ୍ରଦାନ କରାଗଲା ।

1.ଏହି ଆବେଦନରେ ଆପତ୍ତି ହେଉଛି, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଏକ ଦୁଇ ଜଣିଆ ବିଚାରପତିଙ୍କ ଖଣ୍ଡପୀଠର ରାୟ ଯାହା ଉତ୍ତରଦାତାଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନକୁ ଅନୁମତି ଦିଆଯାଇଛି (ଏହା ପରେ 'କରଦାତା' ଭାବରେ ସୂଚିତ) ।

2. ସଂକ୍ଷେପରେ ପୃଷ୍ଠଭୂମି ତଥ୍ୟଗୁଡିକୁ ନିମ୍ନମତେ ଦିଆଗଲା :

କରଦାତା ଓଡ଼ିଶା ବିକ୍ରୟ ଟିକସ, ଅଧିନିୟମ, 1947 (ସଂକ୍ଷେପରେ 'ଅଧିନିୟମ') ଏବଂ ଓଡ଼ିଶା ବିକ୍ରୟ ଟିକସ ନିୟମାବଳୀ, 1947 (ସଂକ୍ଷେପରେ 'ନିୟମାବଳୀ') ଅଧୀନରେ ଜଣେ ବ୍ୟବସାୟୀ ଭାବରେ ପଞ୍ଜୀକୃତ ହୋଇଛନ୍ତି । ମୂଲ୍ୟାଙ୍କନ ବର୍ଷ 2000-2001 ପାଇଁ, କରଦାତା ଅଧିନିୟମର ଧାରା 11 ଅଧୀନରେ ବିକ୍ରୟ ଟିକସର ସହକାରୀ ଆୟୁକ୍ତ ସୁନ୍ଦରଗଡ ରେଞ୍ଜ, ରାଉରକେଲା (ମୂଲ୍ୟାଙ୍କନ) ଙ୍କ ସମ୍ମୁଖରେ ଏକୀକୃତ ରିଟର୍ଣ୍ଣ ଦାଖଲ କରିଥିଲେ । ଉକ୍ତ ରିଟର୍ଣ୍ଣରେ କରଦାତା ଦାବି ଯେ ବିକ୍ରୟ ପାଇଁ ସାମଗ୍ରୀ ଉତ୍ପାଦନରେ ବ୍ୟବହାର ପାଇଁ ଫର୍ମ IV ରେ ତାହାର ପ୍ରଭାବ ଘୋଷଣା କରି, ଆମୋନିୟମ୍ ନାଇଟ୍ରେଟ୍ ସମେତ ସାମଗ୍ରୀ କ୍ରୟ କରିଛନ୍ତି ଯାହା ଏହାର ପଞ୍ଜୀକରଣ ପ୍ରମାଣପତ୍ରରେ ନିର୍ଦ୍ଦିଷ୍ଟ ହୋଇଛି , ଅଧିନିୟମ 5 (1) ଅନୁଯାୟୀ ଜାରି ହୋଇଥିବା ଅଧିସୂଚନାର ପ୍ରବେଶିକା 48 ରେ କରାଯାଇଥିବା ବ୍ୟବସ୍ଥା ଅନୁସାରେ, ଏହିପରି ସାମଗ୍ରୀର ବିକ୍ରେତା ଏବଂ କରଦାତାଙ୍କ ଦ୍ୱାରା କିଣାଯାଇଥିବା ଏହିପରି ସାମଗ୍ରୀର ମୂଲ୍ୟ ଉପରେ 4% ଟିକସ ପ୍ରଦାନ କରାଯାଇଥିଲା । ଏହି ଦାବି ରାଉରକେଲା, ସୁନ୍ଦରଗଡ଼ ରେଞ୍ଜର  ବିକ୍ରୟ ଟିକସର ସହକାରୀ ଆୟୁକ୍ତ(ଆକଳନ)ଙ୍କ ଦ୍ୱାରା ଗ୍ରହଣ କରାଯାଇଥିଲା । ପରବର୍ତ୍ତୀ ସମୟରେ ଉକ୍ତ କର୍ତ୍ତୃପକ୍ଷ ଅଧିନିୟମର ଧାରା 12 (8) ଅନୁଯାୟୀ ପୁନଃ ଆକଳନ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ । ଏହାକୁ ବାଦ୍ ଦିଆଯାଇଥିଲା ଏବଂ ଏହା ପରିବର୍ତ୍ତେ ନିୟମାବଳୀର ନିୟମ 80 ସହିତ ପଠନ କରାଯାଇଥିବା ଅଧିନିୟମର ଧାରା 23 (4) (a) ଅନୁଯାୟୀ ଏକ କାରଣ ଦର୍ଶାଅ ନୋଟିସ, ବିକ୍ରୟ ଟିକସ ଆୟୁକ୍ତ ଦ୍ୱାରା ତା 14.1.2004 ରିଖରେ ଜାରି କରାଯାଇଥିଲା । କରଦାତା ରିଟ୍ ଆବେଦନ ଦାଖଲ କରି ଉକ୍ତ କାରଣ ଦର୍ଶାଅ ନୋଟିସକୁ ଆପତ୍ତି କରିଥିଲେ । ଏହି ନ୍ୟାୟାଳୟର ବିଭିନ୍ନ ନିଷ୍ପତ୍ତି ପ୍ରସଙ୍ଗରେ ଏହା ଉପସ୍ଥାପିତ ହୋଇଥିଲା ଯେ ଏହି ନୋଟିସ ବିନା ଅଧିକାରିତାରେ ଥିଲା । ଏହା ଉପସ୍ଥାପିତ କରାଯାଇଥିଲା ଯେ ଉଭୟ ଅଧିନିୟମର ଧାରା 5 (1) ଅନୁଯାୟୀ ଜାରି ହୋଇଥିବା ଅଧିସୂଚନାର ପ୍ରବେଶିକା 48 ଏବଂ ଅଧିନିୟମର ଧାରା 5 (1) ର ପଞ୍ଚମ ପ୍ରାବଧାନର ଏକ ସରଳ ପଠନ ଦର୍ଶାଏ ଯେ ପଞ୍ଜୀକରଣ ପ୍ରମାଣପତ୍ରରେ ନିର୍ଦ୍ଦିଷ୍ଟ ହୋଇଥିବା ଏବଂ ଜଣେ ବ୍ୟବସାୟୀଙ୍କ ଦ୍ୱାରା କ୍ରୟ କରାଯାଇଥିବା ସାମଗ୍ରୀ କେବଳ ଓଡ଼ିଶା ରାଜ୍ୟ ଭିତରେ ସାମଗ୍ରୀ ଉତ୍ପାଦନରେ ବ୍ୟବହୃତ ହେବା ଆବଶ୍ୟକ ଏବଂ ଏହିପରି ଉତ୍ପାଦିତ ସାମଗ୍ରୀ ମଧ୍ୟବର୍ତ୍ତୀ ଉତ୍ପାଦ ହୋଇପାରେ ଯାହା ଓଡ଼ିଶା ରାଜ୍ୟ ଭିତରେ କିମ୍ବା ବାହାରେ ବିକ୍ରୟ ପାଇଁ ସଜ୍ଜିତ  ସାମଗ୍ରୀର ପରବର୍ତ୍ତୀ ଉତ୍ପାଦନରେ ବ୍ୟବହୃତ ହୋଇପାରେ ।

ରାଜସ୍ୱ ଏହାର ପ୍ରତ୍ୟାରୋପ ଶପଥ ପତ୍ର ଦାଖଲ କରିଥିଲେ । ଯେତେବେଳେ ରିଟ୍ ଆବେଦନର ଶୁଣାଣି କରାଯାଇଥିଲା, ସେତେବେଳେ ଏହା ଦର୍ଶାଯାଇଥିଲା ଯେ ତଥ୍ୟର ବିବାଦୀୟ ପ୍ରଶ୍ନ ନିଷ୍ପତ୍ତି ପାଇଁ ଉଠିଥାଏ ଯାହା ଅଧିନିୟମ ଅନୁଯାୟୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଚାର କରାଯାଇପାରିବ ଏବଂ ଉଚ୍ଚ ନ୍ୟାୟାଳୟ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ କ୍ଷମତା ପ୍ରୟୋଗ କରିବା ଉଚିତ୍ ନୁହେଁ । ଏହା ମଧ୍ୟ ଉପସ୍ଥାପିତ ହୋଇଥିଲା ଯେ କରଦାତାଙ୍କ ଦ୍ୱାରା ଦିଆଯାଇଥିବା ବ୍ୟାଖ୍ୟା ସଠିକ୍ ନୁହେଁ । ଏହା ଦର୍ଶାଯାଇଥିଲା ଯେ ଉତ୍ତରଦାତା-କରଦାତାଙ୍କ ଏକ ସହାୟକ କମ୍ପାନୀ ଏମ୍/ଏସ୍ ଆଇ.ସି.ଆଇ ଲିମିଟେଡ୍ ମାମଲାରେ, ଏକ ଦୁଇ ଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଏକ ସମାନ ଆବେଦନକୁ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରିଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ମତ ଥିଲା ଯେ ଏକ ବିକଳ୍ପ ପ୍ରତିକାର ଉପଲବ୍ଧ ଥିଲେ ମଧ୍ୟ ରିଟ୍ ଆବେଦନକୁ ବିଚାର କରାଯାଇପାରିବ । କରଦାତାଙ୍କ ଆଭିମୁଖ୍ୟକୁ ଗ୍ରହଣ କରି ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଜାରି କରାଯାଇଥିବା ନୋଟିସକୁ ରଦ୍ଦ କରାଯିବ ଏବଂ ସେହି ଅନୁଯାୟୀ ତା 14.1.2004 ରିଖର ଆକ୍ଷେପିତ ନୋଟିସକୁ ରଦ୍ଦ କରାଗଲା ।

3. ଆବେଦନକାରୀଙ୍କ ପକ୍ଷରୁ ବିଦ୍ୱାନ ଓକିଲ ଉପସ୍ଥାପନ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟ ରିଟ୍ ଆବେଦନକୁ ସହାନୁଭୂତି ସହିତ ବିଚାର କରିବା ଉଚିତ୍ ନୁହେଁ ବିଶେଷତଃ ଯେତେବେଳେ ରିଟ୍ ଆବେଦନ ସଂଖ୍ୟା ଓ.ଜେ.ସି. ସଂଖ୍ୟା 16928/1998 ଏବଂ 1500/2000 ରେ ଅନ୍ୟ ଏକ ଦୁଇ ଜଣିଆ ବିଚାରପତିଙ୍କ ଖଣ୍ଡପୀଠ ମୂଲ୍ୟାଙ୍କନ ବର୍ଷ 1997-98 ଏବଂ 1998-99 ପାଇଁ କରଦାତାଙ୍କ ଆଭିମୁଖ୍ୟକୁ ପ୍ରତ୍ୟାଖ୍ୟାନ କରିଥିଲେ ।ଯଦିଓ ଏହା ଉଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟିକୁ ଅଣାଯାଇଥିଲା ଯେ ଏଭଳି ସ୍ଥିତି ରହିଛି, ଦୁର୍ଭାଗ୍ୟଜନକ ଭାବେ ଉଚ୍ଚ ନ୍ୟାୟାଳୟ ଉକ୍ତ ନିଷ୍ପତ୍ତି ବିଷୟରେ ଉଲ୍ଲେଖ ମଧ୍ୟ କରିନଥିଲେ ।

4. ଏହା ଦର୍ଶାଯାଇଛି ଯେ ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ପ୍ରତ୍ୟାରୋପ ଶପଥପତ୍ରରେ, ଅନୁଚ୍ଛେଦ 9 ରେ, ତା 9.10.2001 ରିଖର ରାୟକୁ ନିର୍ଦ୍ଦିଷ୍ଟ ସନ୍ଦର୍ଭ ଦିଆଯାଇଛି ଯେ ଉପରୋକ୍ତ ଦୁଇଟି ରିଟ୍ ଆବେଦନରେ ସମାନ ଆଭିମୁଖ୍ୟକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ।

5. ଏହା ଦର୍ଶାଯାଇଛି ଯେ ଆଇ.ସି.ଆଇ. ଇଣ୍ଡିଆ ଲିମିଟେଡ ବନାମ ଓଡ଼ିଶା ରାଜ୍ୟ (2007 (10) ଏସ.ସି.ଆର. 433) ମାମଲାରେ ଏହି ନ୍ୟାୟାଳୟ ଓ.ଜେ.ସି. ସଂଖ୍ୟା 16928/1998 ଏବଂ 1500/2000 ରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରକାଶିତ ମତକୁ ସମର୍ଥନ କରିଛନ୍ତି ।

6. ଯେତେବେଳେ ମାମଲା ଡକାଯାଇଥିଲା ସେତେବେଳେ ଉତ୍ତରଦାତା-କରଦାତାଙ୍କ ତରଫରୁ କୌଣସି ଉପସ୍ଥିତି ନାହିଁ ।

7. ବିକଳ୍ପ ପ୍ରତିକାରର ପରିସମାପ୍ତି ସମ୍ବନ୍ଧୀୟ ବହୁ ସଂଖ୍ୟକ ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ଦର୍ଶାଯାଇଥିବା ପରିମାପକ ଉପରେ ଉଚ୍ଚ ନ୍ୟାୟାଳୟ ସମ୍ପୂର୍ଣ୍ଣ ଦୃଷ୍ଟି ହରାଇଥିବା ପରି ମନେହୁଏ । ଏହାବ୍ୟତୀତ

ଉଚ୍ଚ ନ୍ୟାୟାଳୟ ଆଇ.ସି.ଆଇ. ଇଣ୍ଡିଆ ଲିମିଟେଡ ସମ୍ବନ୍ଧରେ ମୂଲ୍ୟାଙ୍କନ ବର୍ଷ 1997-98 ଏବଂ ମୂଲ୍ୟାଙ୍କନ ବର୍ଷ 1998-99 ପାଇଁ ଅନ୍ୟ ଏକ ଦୁଇ ଜଣିଆ ବିଚାରପତିଙ୍କ ଖଣ୍ଡପୀଠଙ୍କ ରାୟ ବିଷୟରେ ମଧ୍ୟ ଉଲ୍ଲେଖ କରିନଥିଲେ । ଯେକୌଣସି ପରିସ୍ଥିତିରେ ଉଚ୍ଚ ନ୍ୟାୟାଳୟ ଉକ୍ତ ମାମଲାରେ ନିଷ୍ପତ୍ତିର ଅନୁପାତକୁ ଉଲ୍ଲେଖ କରିବା ଉଚିତ ଥିଲା । ସେହି ନ୍ୟାୟିକ ଶୃଙ୍ଖଳା ପାଳନ କରାଯାଇନାହିଁ । ଯେକୌଣସି ଦୃଷ୍ଟିକୋଣରୁ ଦେଖିଲେ, ଉଚ୍ଚ ନ୍ୟାୟାଳୟଙ୍କ ରାୟ ଅସମର୍ଥନୀୟ ଏବଂ ଏହାକୁ ବାତିଲ କରିଦିଆଗଲା ।

8. ଆଜିଠାରୁ ଆଠ ସପ୍ତାହ ମଧ୍ୟରେ ଉତ୍ତରଦାତା-କରଦାତା ତା 14.1.2004 ରିଖର କାରଣ ଦର୍ଶାଅ ନୋଟିସ୍ ଉପରେ ଜବାବ ଦାଖଲ କରିବେ । ଆୟୁକ୍ତ ଦାଖଲ ହୋଇଥିବା କାରଣ ଦର୍ଶାଅ ନୋଟିସର ଉତ୍ତର ଉପରେ ବିଚାର କରିବେ, ଯଦି କିଛି ଥାଏ, ଆଇନ ଅନୁଯାୟୀ ମାମଲାର ସମାଧାନ କରିବେ ।

9. ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ବିନା ଉପରୋକ୍ତ ପରିସର ପର୍ଯ୍ୟନ୍ତ ଅପିଲଟିକୁ ଅନୁମତି ଦିଆଯାଇଛି ।

ଏସ୍.କେ.ଏସ୍. ଆବେଦନକୁ ଆଂଶିକ ଭାବେ ଅନୁମତି ଦିଆଯାଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।